# ବିଭିନ୍ନ ଓକିଲ ସଂଘ କର୍ମକର୍ତ୍ତା ନିର୍ବାଚନ

କଟକ, ୨୮ ।୩(ସମିସ):

୨୦୨୬-୨୭ ବର୍ଷ ପାଇଁ ବିଭିନ୍ନ ବାର୍ ଆସୋସିଏସନ (ଓକିଲ ସଂଘ)ର ନିର୍ବାଚନ ଶାନ୍ତିଶୃଙ୍ଖଳାର ସହ ଶେଷ ହୋଇଛି। ସକାଳ ୭ଟାରୁ ଦିନ ୩ଟା ପର୍ଯ୍ୟନ୍ତ ଭୋଟ ଗ୍ରହଣ ଅନୁଷ୍ଠିତ ହୋଇଥିବା ବେଳେ ଅପରାହ୍ନ ୪ଟା ପରେ ଗଣତି କରାଯାଇ ଫଳ ପ୍ରକାଶ ପାଇଛି।

## କଟକ ଟାକ୍ସ ବାର୍ ଆସୋସିଏସନ

କଟକ ଟାକ୍ସ ବାର ଆସୋସିଏସନର ସଭାପତି ଭାବେ ପ୍ରଶାନ୍ତ କୁମାର ମିଶ୍ର, ଉପସଭାପତି ଅରୁଣ କୁମାର ପରିଡା, ସମ୍ପାଦକ ସୌମ୍ୟଶିବ ମହାନ୍ତି, ଯୁଗ୍ମ ସମ୍ପାଦକ ସତ୍ୟବ୍ରତ ତ୍ରିପାଠୀ ଓ କୋଷାଧ୍ୟକ୍ଷ ଭାବେ ରଘୁନାଥ ସାହୁ ନିର୍ବାଚିତ ହୋଇଛନ୍ତି। ସେହିଭଳି କାର୍ଯ୍ୟକାରିଣୀ ସଦସ୍ୟ ଭାବେ ଗୀତାଞ୍ଜଳି ଦାସ, ପିଙ୍କୁଶ୍ରୀ ତ୍ରିପାଠୀ, ଶୁଭାନନ୍ଦ ମହାନ୍ତି, ସୟଦ ବାକିଉଲ୍ଲା ଓ ପ୍ରୀତିନନ୍ଦା ପାଣି ନିର୍ବାଚିତ ହୋଇଛନ୍ତି।

## କ୍ରିମିନାଲ କୋର୍ଟସ ବାର୍ ଆସୋସିଏସନ



କଟକ କ୍ରିମିନାଲ କୋର୍ଟସ ବାର ଆସୋସିଏସନର ସଭାପତି ଭାବେ ବାଦଲଚନ୍ଦ୍ର ରାୟ, ଉପସଭାପତି ତାପସ କୁମାର ନାୟକ, ସମ୍ପାଦକ ଭାବେ ଗଦାଧର ସାହୁ ନିର୍ବାଚିତ ହୋଇଛନ୍ତି। ସେହିଭଳି ଯୁଗ୍ମ ସମ୍ପାଦକ ଲକ୍ଷ୍ମୀପ୍ରିୟା ସାହୁ, କୋଷାଧ୍ୟକ୍ଷ ଭାବେ ସମରେନ୍ଦ୍ର ମହାନ୍ତି ଓ ପାଠାଗାର ସମ୍ପାଦକ ଭାବେ ସନ୍ଧ୍ୟାରାଣୀ ଦାଶ ନିର୍ବାଚିତ ହୋଇଛନ୍ତି। କାର୍ଯ୍ୟନିର୍ବାହୀ କମିଟି ସଭ୍ୟ ଭାବେ ବିଛନ୍ଦା ନାୟକ, ବିଜୟ କୁମାର ସାହୁ, ଦେବୀ ପ୍ରସନ୍ନ ଦଳେଇ, ମାନସ ରଂଜନ ପୃଷ୍ଟି, ନେପାଳ ପ୍ରକାଶ ସାମନ୍ତ, ପ୍ରଦୀପ୍ତ କୁମାର ମହାନ୍ତି ଓ ପ୍ରତୀକ୍ଷା ରଥ ନିର୍ବାଚିତ ହୋଇଥିବା ଜଣାପଡିଛି।

## ଏମ୍.ଭି. ଲୟର୍ସ ଆସୋସିଏସନ୍

ଏମ୍.ଭି. ଲୟର୍ସ ଆସୋସିଏସନର ସଭାପତି ଭାବେ ଆଇନଜୀବୀ ଜିତେନ୍ଦ୍ର ମହାନ୍ତି ନିର୍ବାଚିତ ହୋଇଛନ୍ତି। ଜ୍ୟୋତିରଂଜନ ମହାନ୍ତି ଉପସଭାପତି, ବିଜୟ କୁମାର ମହାନ୍ତି ସଂପାଦକ, ପ୍ରଫୁଲ୍ଲ ଷଡଙ୍ଗୀ ଓ ଈଶ୍ୱର ଚନ୍ଦ୍ର ହରିଚନ୍ଦନ ଯୁଗ୍ମ ସଂପାଦକ, ଲିଟୁ ପ୍ରଧାନ କୋଷାଧ୍ୟକ୍ଷ, ଚିତ୍ତରଂଜନ ଧଳ



ପାଠାଗାର ସଂପାଦକ ଭାବେ ନିର୍ବାଚିତ ହୋଇଛନ୍ତି। ରାଜେଶ ପ୍ରସାଦ ଭଗତ, ସିଦ୍ଧାର୍ଥ ଶଙ୍କର ଘୋଷ, ସୁବ୍ରତ କୁମାର ନାୟକ, ଶାନ୍ତନୁ କୁମାର ଦାଶ, ଜିତେନ୍ଦୁ ମହାନ୍ତି, ସୁଧାଂଶୁ ଶେଖର ପ୍ରଧାନ, ଶୁଭଶ୍ରୀ ଶୁଭସ୍ମିତା ପ୍ରଧାନ ଓ ଶୁଭଲକ୍ଷ୍ମୀ ବେହେରା ପ୍ରମୁଖ କାର୍ଯ୍ୟନିର୍ବାହୀ ସଭ୍ୟ ଭାବେ ନିର୍ବାଚିତ ହୋଇଛନ୍ତି। ନିର୍ବାଚନ ଅଧିକାରୀ ଅନିରୁଦ୍ଧ ନାୟକ ନିର୍ବାଚନ ପରିଚାଳନା କରିଥିଲେ।

## କ୍ୟାଟ୍ ବାର୍ ଆସୋସିଏସନ

କ୍ୟାଟ ବାର ଆସୋସିଏସନର ସଭାପତି ଭାବେ ଆଇନଜୀବୀ ଦେବେନ୍ଦ୍ର କୁମାର ବେହେରା ନିର୍ବାଚିତ ହୋଇଛନ୍ତି। ଉପସଭାପତି ଭାବେ ପ୍ରଭାସ ରଞ୍ଜନ ଜୀବନ ଦାଶ, ସମ୍ପାଦକ ଭାବେ ରମାକାନ୍ତ ସାହୁ ସହସଂପାଦକ ଅର୍ପିତ ସିକଦାର ଓ କୋଷାଧ୍ୟକ୍ଷ ଭାବେ ଛବିଳେନ୍ଦୁ ମହାନ୍ତ ନିର୍ବାଚିତ ହୋଇଛନ୍ତି। କାର୍ଯ୍ୟନିର୍ବାହୀ ପରିଷଦର ସଦସ୍ୟ ଭାବେ ସୁଶାନ୍ତ କୁମାର ନାୟକ, ସ୍ୱର୍ଣ୍ଣପ୍ରଭା ଧଳ, କୈଳାସଚନ୍ଦ୍ର ଶତପଥୀ, ଜ୍ୟୋସ୍ନା ମିଶ୍ର ଓ ଯୋଗମାୟା ପ୍ରଧାନ ପ୍ରମୁଖ ନିର୍ବାଚିତ ହୋଇଛନ୍ତି। ନିର୍ବାଚନ ଅଧିକାରୀ ଭାବେ ନିର୍ମଳ ରଞ୍ଜନ ରାଉତରାୟ ନିର୍ବାଚନ ପରିଚାଳନା କରିଥିଲେ।





## କଟକ ବାର୍
## ଗୋବର୍ଦ୍ଧନ ସ୍ୱାଇଁ ସଭାପତି ଓ ଦିଲ୍ଲୀପ ମହାପାତ୍ର ସଂପାଦକ

କଟକ,୨୮ ।୩(ସମିସ): କଟକ ବାର୍ ଆସୋସିଏସନର ସଭାପତି ଭାବେ ଗୋବର୍ଦ୍ଧନ ସ୍ୱାଇଁ ଓ ସଂପାଦକ ଭାବେ ଦିଲ୍ଲୀପ କୁମାର ମହାପାତ୍ର ନିର୍ବାଚିତ ହୋଇଛନ୍ତି। ସେହିଭଳି ଭାବେ ଅନାଦି ଚରଣ ଷଡଙ୍ଗୀ ଉପସଭାପତି, ମହେନ୍ଦ୍ର ଲାଲ ଜେନା ଯୁଗ୍ମ ସଂପାଦକ, ଦେବାଶିଷ ମହାନ୍ତି କୋଷାଧ୍ୟକ୍ଷ, ସେ?ବାଳିନୀ ମଲ୍ଲିକ ସହକାରୀ ସଂପାଦକ, ମମତା ସ୍ୱାଇଁ ପାଠାଗାର ସଂପାଦକ ଭାବେ ନିର୍ବାଚିତ ହୋଇଛନ୍ତି। ନିର୍ବାହୀ ସଦସ୍ୟ ଭାବେ ଲିଜା ଭଞ୍ଜଦେଓ, ରିଙ୍କୁ ପରିଡା, ରାମଚନ୍ଦ୍ର ସାହୁ, ସତ୍ୟକାନ୍ତ ରାଉତରା, ଗୋବିନ୍ଦଚନ୍ଦ୍ର ରାୟ ନିର୍ବାଚିତ ହୋଇଛନ୍ତି। ଆସୋସିଏସନର ବରିଷ୍ଠ ସଦସ୍ୟ ନିର୍ବାଚନ ଅଧିକାରୀ ଆଇନଜୀବୀ ରାମକୃଷ୍ଣ ରଥ ନିର୍ବାଚନ ପରିଚାଳନା କରିଥିଲେ।











ତିଗିରିଆ,୨୮ ।୩(ସମିସ): ତିଗିରିଆ ଆଇନଜୀବୀ ସଂଘର ନିର୍ବାଚନ ଶନିବାର ଅନୁଷ୍ଠିତ ହୋଇଯାଇଛି। ନିର୍ବାଚନରେ ବିଭିନ୍ନ ପଦପଦବୀ ପାଇଁ ପ୍ରାର୍ଥିପତ୍ର ଦାଖଲ କରିଥିବା ସମସ୍ତ ପ୍ରାର୍ଥୀ ବିନା କୌଣସି ପ୍ରତିଦ୍ୱନ୍ଦ୍ୱିତାରେ ବିଜୟ ହାସଲ କରିଥିବା ନିର୍ବାଚନ ଅଧିକାରୀ ଆଇନଜୀବୀ ସୁରେଶଚନ୍ଦ୍ର ସାହୁ ସୂଚନା ଦେଇଛନ୍ତି। ସଭାପତି ଭାବେ ପ୍ରଶାନ୍ତ କୁମାର ପଟ୍ଟନାୟକ, ସମ୍ପାଦକ ଭାବେ ତନ୍ମୟ କୁମାର ମିଶ୍ର, ଉପସଭାପତି ଭାବେ ଶ୍ରୀକାନ୍ତ କୁମାର ସାହୁ, ସହସମ୍ପାଦକ ଭାବେ ଅର୍ଚ୍ଚନା ସିଂହ ସାମନ୍ତ, କାର୍ଯ୍ୟନିର୍ବାହୀ ସଦସ୍ୟ ଭାବେ ଗିରିଜା ପ୍ରସାଦ ପଟ୍ଟନାୟକ, ଇଭ ପଣ୍ଡା, ସଞ୍ଜୟ କୁମାର ଦାସ ନିର୍ବାଚିତ ହୋଇଛନ୍ତି। ବିଜୟ ଲାଭ କରିଥିବା ସମସ୍ତ ଆଇନଜୀବୀଙ୍କୁ ଆଇନଜୀବୀ ସଂଘର ଅନ୍ୟ ସମସ୍ତ ସଦସ୍ୟ ଅଭିନନ୍ଦନ ଜଣାଇଛନ୍ତି।

■ **ନରସିଂହପୁର:** ନରସିଂହପୁର ଓକିଲ ସଂଘର ନିର୍ବାଚନ ଶନିବାର ଶେଷ ହୋଇଛି। ନିର୍ବାଚନ ଅଧିକାରୀ ଭାବେ ବୀରକିଶୋର ଦେହୁରୀ ରହିଥିବା ବେଳେ ଶୃଙ୍ଖଳିତ ଭାବେ ନିର୍ବାଚନ ପରିଚାଳନା କରିଥିଲେ। ଏହି ନିର୍ବାଚନରେ ବରିଷ୍ଠ ଆଇନଜୀବୀ ସୂର୍ଯ୍ୟନାରାୟଣ ପାତ୍ର ସଭାପତି, ଉପସଭାପତି ଭାବେ ନରନାରାୟଣ ବାରିକ, ସମ୍ପାଦକ ଭାବେ ଗୋଲେଖ ବିହାରୀ ସାହୁ, ସହସମ୍ପାଦକ ଦେବଦତ୍ତ ମଳୟ କୁମାର ବରାଳ, କୋଷାଧ୍ୟକ୍ଷ ସମୀର ଦଳେଇ, ଗ୍ରନ୍ଥାଗାରିକ ସମ୍ପାଦକ ଭାବେ ରଞ୍ଜନ କୁମାର ପ୍ରଧାନ ନିର୍ବାଚିତ ହୋଇଛନ୍ତି। ନିର୍ବାଚନରେ ବରିଷ୍ଠ ଆଇନଜୀବୀ ପ୍ରଫୁଲ୍ଲ ପଣ୍ଡା ଲଳିତ କେଶରୀ ବିଶ୍ୱାଳ, ସରୋଜ କୁମାର ସାହୁ, ଅଶୋକ କୁମାର ଶତପଥୀ, ରବୀନ୍ଦ୍ରନାଥ ସାହୁ, ଅଞ୍ଜନ ପ୍ରସାଦ ପଣ୍ଡା, ସରୋଜ ମହାରଣା, ଜ୍ଞାନରଞ୍ଜନ ନାୟକ, ପ୍ରକାଶଚନ୍ଦ୍ର ପ୍ରଧାନ, ଭୂପେନ ଦାସ, ଆଲୋକ ଜେନା, ପୀତବାସ ମହାପାତ୍ର, ଏଏନ ଦେବକୁମାର, ବିନୋଦ ଖଟୁଆ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

■ **ବଡମ୍ବା:** ବଡମ୍ବା ଓକିଲ ସଂଘର କର୍ମକର୍ତ୍ତା ନିର୍ବାଚନ ଶନିବାର ଅନୁଷ୍ଠିତ ହୋଇଯାଇଛି। ସଭାପତି ପଦ ପାଇଁ ୨ ଜଣ ପ୍ରାର୍ଥୀ ବିଭୂଭୂଷଣ ମହାନ୍ତି, କୈଳାଶ ଜେନା ମଧ୍ୟରେ ନିର୍ବାଚନ ହୋଇଥିଲା। ନିର୍ବାଚନରେ ଶ୍ରୀ ମହାନ୍ତି ୪୬ ଖଣ୍ଡ ଭୋଟ ପାଇଥିବା ବେଳେ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଶ୍ରୀ ଜେନା ୩୮ ଖଣ୍ଡ ଭୋଟ ପାଇ ପରାଜିତ ହୋଇଛନ୍ତି। ସେହିପରି ସମ୍ପାଦକ ପଦ ପାଇଁ ପ୍ରଭାତ କୁମାର ନାୟକ ଓ ଦିଲ୍ଲୀପ କୁମାର ସାମନ୍ତଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହୋଇ ଶ୍ରୀ ନାୟକ ୪୯ ଖଣ୍ଡ ଭୋଟ ପାଇଥିବା ବେଳେ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଶ୍ରୀ ସାମନ୍ତ ୩୫ ଖଣ୍ଡ ଭୋଟ ପାଇ ପରାଜିତ ହୋଇଛନ୍ତି। ସହସମ୍ପାଦକ ପାଇଁ ଗିରିଜା ପ୍ରସାଦ ମିଶ୍ର ଓ ବିଜୟ କୁମାର ରାଉତଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହୋଇ ଶ୍ରୀ ମିଶ୍ର ୬୬ ଖଣ୍ଡ ଭୋଟ ପାଇଥିବା ବେଳେ ଶ୍ରୀ ରାଉତ ୧୮ ଖଣ୍ଡ ଭୋଟ ପାଇ ପରାଜୟ ବରଣ କରିଛନ୍ତି। କୋଷାଧ୍ୟକ୍ଷ ପଦ ପାଇଁ ସଞ୍ଜୁଲତା ଦେଇ ଓ ଚିତ୍ତରଞ୍ଜନ ଗୋଛିଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହୋଇ ଶ୍ରୀମତି ଦେଇ ୫୬ ଖଣ୍ଡ ଭୋଟ ପାଇଥିବା ବେଳେ ଶ୍ରୀ ଗୋଛି ୨୮ ଖଣ୍ଡ ଭୋଟ ପାଇ ପରାଜୟ ବରଣ କରିଛନ୍ତି। ଆଇନଜୀବୀ ଦୁର୍ଗାପ୍ରସାଦ ସାହୁ ନିର୍ବାଚନ ପରିଚାଳନା କରିଥିଲେ।

■ **ଆଠଗଡ଼;** ଆଠଗଡ଼ ଓକିଲ ସଂଘ ନିର୍ବାଚନରେ ଜଗଦାନନ୍ଦ ତ୍ରିପାଠୀ ସଭାପତି ଏବଂ ବନବିହାରୀ ସାହୁ ସମ୍ପାଦକ ଭାବରେ ନିର୍ବାଚିତ ହୋଇଛନ୍ତି। ନିର୍ବାଚନରେ ସଭାପତି ପ୍ରାର୍ଥୀ ରୂପେ ଜଗଦାନନ୍ଦ ତ୍ରିପାଠୀ ୮୦ ଖଣ୍ଡ ଭୋଟ ପାଇଥିବା ବେଳେ ପ୍ରତିଦ୍ୱନ୍ଦ୍ୱୀ ପ୍ରମୋଦ କୁମାର ଜେନା ୫୯ ଖଣ୍ଡ ଭୋଟ ପାଇଥିଲେ। ସେହିପରି ସମ୍ପାଦକ ପ୍ରାର୍ଥୀ ରୂପେ ବନ ବିହାରୀ ସାହୁ ୮୪ ଖଣ୍ଡ ଭୋଟ ପାଇଥିବା ବେଳେ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ସରୋଜ ପଟ୍ଟନାୟକ ୫୫ ଖଣ୍ଡ ଭୋଟ ପାଇଥିଲେ। ଉପସଭାପତି ସୁବାସଚନ୍ଦ୍ର ସାହୁ, ଯୁଗ୍ମ ସମ୍ପାଦକ ରଞ୍ଜନ ନାୟକ, ସହସମ୍ପାଦକ ସୁପ୍ରଭା ଦୋରା, କୋଷାଧ୍ୟକ୍ଷ ଶ୍ରୀନିବାସ ଦାସ, କାର୍ଯ୍ୟକାରିଣୀ କମିଟିର ସଦସ୍ୟ ଦୀପାଳି ଦାଶ ଓ ରାଜେନ୍ଦ୍ର ମହାପାତ୍ର ନିର୍ବାଚିତ ହୋଇଥିବା ନିର୍ବାଚନ ଅଧିକାରୀ ଆଇନଜୀବୀ ପ୍ରସନ୍ନ କୁମାର ରାଉତ ପ୍ରକାଶ କରିଛନ୍ତି। କେବଳ ସଭାପତି ଓ ସମ୍ପାଦକ ପଦ ନିର୍ବାଚନ ହୋଇଥିଲା ବେଳେ ଅନ୍ୟ ପଦଗୁଡିକ ପାଇଁ ବିନା ପ୍ରତିଦ୍ୱନ୍ଦ୍ୱିତାରେ ପ୍ରାର୍ଥୀ ନିର୍ବାଚିତ ହୋଇଥିଲେ।

## ପ୍ରଭୁ ଶ୍ରୀଦାରୁ ରଘୁନାଥଜୀଉ ପୀଠରେ ରାମନବମୀ

ତିଗିରିଆ,୨୮ ।୩(ସମିସ): ତିଗିରିଆ ବ୍ଲକ ଗଦାଧରପୁର ପଞ୍ଚାୟତର ଆରାଧ୍ୟ ଦେବତା ପ୍ରଭୁ ଶ୍ରୀ ଶ୍ରୀ ଦାରୁ ରଘୁନାଥଜୀଉଙ୍କ ପୀଠରେ ଚାଲିଥିବା ପବିତ୍ର ରାମ ନବମୀ ପର୍ବର ଆଜି ଦ୍ୱିତୀୟ ଦିନରେ ପ୍ରଭୁ ଶ୍ରୀ ଶ୍ରୀ ରଘୁନାଥଜୀଉ ଭକ୍ତଙ୍କୁ ତାଡକା ବଧ ବେଶରେ ଦର୍ଶନ ଦେଇଥିବା ପୂଜକ ସନ୍ତୋଷ କୁମାର ଶତପଥୀ ସୂଚନା ଦେଇଛନ୍ତି। ଶନିବାର ପାରମ୍ପରିକ ରୀତିନୀତି ଅନୁଯାୟୀ ସମସ୍ତ ପୂଜାର୍ଚ୍ଚନା ସହ ସନ୍ଧ୍ୟା ସମୟରେ ବେଶ ଅନୁଷ୍ଠିତ ହୋଇଥିଲା। ସ୍ଥାନୀୟ ଅଞ୍ଚଳ ସମେତ ଆଖପାଖ ଅଞ୍ଚଳର ଶତାଧିକ ଭକ୍ତ ଆସି ପ୍ରଭୁଙ୍କ ଦର୍ଶନ ଲାଭ କରିଛନ୍ତି। ଚଳିତବର୍ଷ ଅନୁଷ୍ଠାନର ୫୪ ବର୍ଷ ପୂର୍ତ୍ତି ଅବସରରେ ପ୍ରତ୍ୟେକ ଦିନ ଗ୍ରାମବାସୀ, ମନ୍ଦିର ପରିଚାଳନା କମିଟିର ସଦସ୍ୟ, ବ୍ରତୀ ଓ ଶ୍ରଦ୍ଧାଳୁଙ୍କ ସହଯୋଗରେ ରାଜ୍ୟର ବିଭିନ୍ନ ପ୍ରତିଷ୍ଠିତ ରାମଲୀଳା ଅନୁଷ୍ଠାନକୁ ନେଇ ପ୍ରତିଯୋଗିତାର ଆୟୋଜନ କରାଯାଉଛି। ଆଜି ଦ୍ୱିତୀୟ ଦିବସରେ ଆଠଗଡ, କେଉଟପଡା ଜଗମୋହନପୁର ଶ୍ରୀ ଶ୍ରୀ ପଞ୍ଚମୁଖୀ ରାମଲୀଳା ସଂଘ ପକ୍ଷରୁ ଇନ୍ଦ୍ରଜିତ ବଦ୍ଧ ବିଷୟ ବସ୍ତୁକୁ ନେଇ ନାଟକ ପରିବେଷଣ କରାଯିବ ବୋଲି ଗ୍ରାମ୍ୟ କମିଟି ତଥା ମନ୍ଦିର ପରିଚାଳନା କମିଟିର ସଭାପତି ଧନେଶ୍ୱର ସ୍ୱାଇଁ ସୂଚନା ଦେଇଛନ୍ତି।

**ପେଟାନାଳ ନବୀକରଣ**

## ତୃତୀୟ ପର୍ଯ୍ୟାୟରେ ୧୯ କୋଟି ମଞ୍ଜୁର, ଏପ୍ରିଲରୁ କାର୍ଯ୍ୟ ଆରମ୍ଭ

କଟକ,୨୮ ।୩(ସମିସ): କଟକ ସିଡିଏ ଅଞ୍ଚଳର ପେଟାନାଳର ନବୀକରଣ ପାଇଁ ରାଜ୍ୟ ସରକାର ମୋଟ ୯୮ କୋଟି ୨୪ ଲକ୍ଷ ଟଙ୍କାର ବ୍ୟୟ ଅଟକଳ ମଞ୍ଜୁର କରିଛନ୍ତି। ଏଥିପାଇଁ ଜଳସମ୍ପଦ ବିଭାଗ ଅଧିନରେ ରହିଥିବା ଡ୍ରେନେଜ ବିଭାଗ ପକ୍ଷରୁ ଟେଣ୍ଡର ପ୍ରକ୍ରିୟା ଆରମ୍ଭ ହୋଇଥିବା ବେଳେ ଆସନ୍ତା ମାସ ଏପ୍ରିଲଠାରୁ କାର୍ଯ୍ୟ ଆରମ୍ଭ ହେବ ବୋଲି ବିଭାଗ ସୂତ୍ରରୁ ସୂଚନା ମିଳିଛି। ରାଜ୍ୟସରକାର ପ୍ରଥମ ପର୍ଯ୍ୟାୟରେ ୨୯ କୋଟି ୩୬ ଲକ୍ଷ ଟଙ୍କା, ୨ୟ ପର୍ଯ୍ୟାୟରେ ୩୬ କୋଟି ୮୦ ଲକ୍ଷ ଓ ୩ୟ ପର୍ଯ୍ୟାୟରେ ୧୯ କୋଟି ୩୪ ଲକ୍ଷ ଟଙ୍କା ମଞ୍ଜୁର କରିଛନ୍ତି। ଏହି ଅର୍ଥ ବିନିଯୋଗରେ ସିଭିଲ ୱାର୍କ, ନାଳ ସୁରକ୍ଷା କାର୍ଯ୍ୟ କରାଯିବ। ସେହିଭଳି ନାଳର ଲାଇନିଂ ପାଇଁ ମଧ୍ୟ ୧୨ କୋଟି ଟଙ୍କା ମଞ୍ଜୁର ହୋଇଛି। ଏହି ଅର୍ଥ ବିନିଯୋଗରେ ନାଳରେ ୫ଟି ପୋଲ, ବୋର ୱେଲ ସହିତ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ କରାଯିବ। ଗତକାଲି ବିଭାଗୀୟ ଅତିରିକ୍ତ ମୁଖ୍ୟଯନ୍ତ୍ରୀ କାମଦେବ ଦାସ, ଅଧୀକ୍ଷଣ ଯନ୍ତ୍ରୀ ମଳୟ କୁମାର ଧରୁଆ ନାଳ ପରିଦର୍ଶନ କରି ଅବଶିଷ୍ଟ ବାକି କାର୍ଯ୍ୟ ଉପରେ ମୁଖ୍ୟଯନ୍ତ୍ରୀଙ୍କୁ ଅବଗତ କରାଇଛନ୍ତି।



## କମ୍ୟୁନିଟି ହଲ୍ ଓ ଭେଣ୍ଡିଙ୍ଗ୍ ଜୋନ୍ ଉଦ୍‌ଘାଟିତ



କଟକ,୨୮ ।୩(ସମିସ): ମହାନଗର ନିଗମ ୱାର୍ଡ ନମ୍ବର ୨୨ସ୍ଥିତ ମେରିଆ ବଜାରଠାରେ ଏକ କମ୍ୟୁନିଟି ହଲ ଏବଂ ୨୨ଟି ଦୋକାନ ଘର ବିଶିଷ୍ଟ ଏକ ଭେଣ୍ଡିଙ୍ଗ ଜୋନ୍ ଉଦକଘାଟିତ ହୋଇଯାଇଛି। ଏହାକୁ ମେୟର ସୁବାସ ସିଂହ ଉଦ୍‌ଘାଟନ କରିଥିଲେ। ପ୍ରାୟ ୩୦ ଲକ୍ଷ ଟଙ୍କା ବ୍ୟୟରେ କମ୍ୟୁନିଟି ହଲଟି ନିର୍ମାଣ ହୋଇଥିବା ବେଳେ ୨୨ଟି ଦୋକାନ ଘର ଥିବା ଭେଣ୍ଡିଙ୍ଗ ଜୋନ ପ୍ରାୟ ୫୦ ଲକ୍ଷ ଟଙ୍କା ବ୍ୟୟ ରେ ନିର୍ମାଣ ହୋଇଛି। ଏହି ଉତ୍ସବରେ ବିଧାୟିକା ଇଂ ସୋଫିଆ ଫିରଦୋଷ, ସିଏମସି କମିସନର କିରଣଦୀପ କୌର ସହୋତା, ଡେପୁଟି ମେୟର ସୁଶ୍ରୀ ଦମୟନ୍ତୀ ମାଝୀ, ଷ୍ଟାଣ୍ଡିଙ୍ଗ କମିଟି ଅଧ୍ୟକ୍ଷା ଏ.ଶ୍ରୀଦେବୀ, ଷ୍ଟାଣ୍ଡିଙ୍ଗ କମିଟି ଅଧ୍ୟକ୍ଷା ମୋନାଲିଶା ଦାସ, ଷ୍ଟାଣ୍ଡିଙ୍ଗ କମିଟି ଅଧ୍ୟକ୍ଷା ପ୍ରଲୟା ବେଉରା, ଷ୍ଟାଣ୍ଡିଙ୍ଗ କମିଟି ଅଧ୍ୟକ୍ଷ ପ୍ରଦୀପ୍ତ କିଶୋର ଖୁଣ୍ଟିଆ, ସ୍ଥାନୀୟ କର୍ପୋରେଟର ଚନ୍ଦନ ଜେନା, କର୍ପୋରେଟର ଗଗନ ଓଝା, କର୍ପୋରେଟର ରବିନାରାୟଣ ସାହୁ, କର୍ପୋରେଟର ଅରୁନ୍ଧତୀ କର, ଇତିଶ୍ରୀ ଦାସ, ଲିଜାରାଣୀ ରାଉତ, ବନଲତା ପ୍ରଧାନ, ଆରତୀ ସାହୁ, ସିଏମସି ଯନ୍ତ୍ରୀ ସୁବାସ ସାହୁ, ପୁରୁଷୋତ୍ତମ ମଲ୍ଲିକ, ସ୍ଥାନୀୟ ଅଞ୍ଚଳର ଶତାଧିକ ବାସିନ୍ଦା ଉପସ୍ଥିତ ଥିଲେ।

**● ହାଇକୋର୍ଟଙ୍କ କଟକଣାକୁ ବେଖାତିର**

## ଲେଜର ଲାଇଟ୍ ବ୍ୟବହାର ଉପରେ ଲାଗିପାରୁନି ଅଙ୍କୁଶ

କଟକ,୨୮ ।୩(ସମିସ): ଓଡ଼ିଶା ହାଇକୋର୍ଟଙ୍କ କଡ଼ା କଟକଣା ସତ୍ତ୍ୱେ କଟକ ସହରରେ ଲେଜର ଲାଇଟ ବ୍ୟବହାର ଉପରେ ଲାଗିପାରୁନି ଅଙ୍କୁଶ। ବେଧଡ଼କ ଭାବେ ସହରରେ ଅନୁଷ୍ଠିତ ହେଉଥିବା ଶୋଭାଯାତ୍ରା, ସାଂସ୍କୃତିକ କାର୍ଯ୍ୟକ୍ରମରେ ଲେଜର ଲାଇଟ ଲଗାଯାଉଥିବା ଦେଖିବାକୁ ମିଳୁଛି। ସହରବାସୀଙ୍କ ସୁରକ୍ଷା ଏବଂ ସ୍ୱାସ୍ଥ୍ୟକୁ ଦୃଷ୍ଟିରେ ରଖି ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଶୁଣାଇ ସହରରେ ଲେଜର ଲାଇଟ୍ ବ୍ୟବହାର ଉପରେ କୋର୍ଟ ସମ୍ପୂର୍ଣ୍ଣ ନିଷେଧାଦେଶ ଜାରି କରିଥିଲେ। ଏହାସହ ଅତ୍ୟଧିକ ଆଲୋକ ଏବଂ ଶବ୍ଦ ପ୍ରଦୂଷଣକୁ ନିୟନ୍ତ୍ରଣ କରିବା ପାଇଁ ନୂତନ ମାର୍ଗଦର୍ଶିକା ସହ ଲେଜର ଲାଇଟ୍ ବ୍ୟବହାରକୁ ସମ୍ପୂର୍ଣ୍ଣ ବାରଣ କରାଯାଇଥିଲା। ପୁଲିସ ପ୍ରଶାସନକୁ ଏହା ବିରୋଧରେ ଏନଫୋର୍ସମେଣ୍ଟ କରିବାକୁ ନିର୍ଦ୍ଦେଶ ରହିଥିଲା; କିନ୍ତୁ ସହରରେ ଲେଜର ଲାଇଟ ଉପରେ ଏଯାଏଁ କିଛି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇପାରିନାହିଁ। ବିଶେଷ କରି ଶୋଭାଯାତ୍ରା ସମୟରେ ଏହି ଲେଜର ରଶ୍ମି ରାସ୍ତାରେ ଯାଉଥିବା ଗାଡି ଚାଳକଙ୍କ ପାଇଁ ବିପଦଜନକ ହୋଇଆସୁଛି। ସାର୍ବଜନୀନ କିମ୍ବା ବ୍ୟକ୍ତିଗତ କାର୍ଯ୍ୟକ୍ରମରେ ଏଭଳି ଲେଜର ଆଲୋକ ସଜ୍ଜାକୁ ନିୟନ୍ତ୍ରଣ କରିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଅତ୍ୟଧିକ ଆଲୋକ ଏବଂ ଶବ୍ଦ ଯୋଗୁଁ ସାଧାରଣ ଜନତା ବିଶେଷ କରି ରୋଗୀ ଓ ବୃଦ୍ଧବୃଦ୍ଧାମାନେ ଅନେକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ପୂର୍ବରୁ ଦୁର୍ଗାପୂଜା ଏବଂ ଦଶହରା ସମୟରେ ମଧ୍ୟ ଏହିପରି ସୁରକ୍ଷା ସମ୍ବନ୍ଧୀୟ ନିର୍ଦ୍ଦେଶ ଦିଆଯାଇଥିଲା, ଯାହାକୁ ଏବେ ସଠିକ ଭାବେ ପାଳନ କରାଯାଇନାହିଁ।

## ଶ୍ରୀରାମଚରିତ ଜ୍ଞାନଯଜ୍ଞ ଉଦ୍‌ଯାପିତ



ନରସିଂହପୁର,୨୮ ।୩(ସମିସ): ନରସିଂହପୁର ବ୍ଲକ୍ ବାଲିସାହି ପଞ୍ଚାୟତର ନଖପଡ଼ା, ନିମସାହି ଗ୍ରାମରେ ରାମ ଜନ୍ମଉତ୍ସବ ପାଳିତ ହୋଇଯାଇଛି। ଏହି ଅବସରରେ ଓସ୍ତପଡ଼ା ପାଇକପଡ଼ାପାଟଣାଠାରେ ଶ୍ରୀରାମ ଚରିତ ମାନସ ସତସଙ୍ଗମଣ୍ଡଳୀ ଆନୁକୂଲ୍ୟରେ ରଘୁନାଥଜୀଉ ମଠ ପରିସରରେ ଚାଲିଥିବା ନବାହ୍ନ ପାରାୟଣ ଓ ପ୍ରବଚନ ଜ୍ଞାନଯଜ୍ଞ ଉଦ୍‌ଯାପିତ ହୋଇଛି। ସନ୍ଧ୍ୟାରେ ଶ୍ରୀରାମଙ୍କ ମହାତ୍ମ୍ୟ ସମ୍ପର୍କରେ ବିଭିନ ପ୍ରବକ୍ତା ଉପସ୍ଥିତ ରହି ପ୍ରବଚନ ପ୍ରଦାନ କରିଥିବା ବେଳେ ପ୍ରବଚନ ଶୁଣିବା ପାଇ ଶତାଧିକ ଶ୍ରଦ୍ଧାଳୁ ଏକତ୍ରିକ ହୋଇଥିଲେ। ଏହି କାର୍ଯ୍ୟକ୍ରମ ୮ ଦିନ ଚାଲିବା ପରେ ଶନିବାର ଉଦ୍‌ଯାପିତ ହୋଇଯାଇଛି। କାର୍ଯ୍ୟକ୍ରମକୁ ଭ୍ୟାସ ଦେବେନ୍ଦ୍ର କୁମାର ମିଶ୍ର, ଧାରକ ନିତ୍ୟରଞ୍ଜନ ମହାପାତ୍ର, ଅଶୋକ କୁମାର ଶତପଥୀ, ପ୍ରଫୁଲ ମିଶ୍ର, ଦେବୀପ୍ରସାଦ ମିଶ୍ର, ବସନ୍ତ କୁମାର କର, ଶତ୍ରୁଜିତ ମିଶ୍ର, କାଠିଆ ବେହେରା, କାଳୀଚରଣ ପଟ୍ଟନାୟକ ପ୍ରମୁଖ ପରିଚାଳନା କରିଥିଲେ।

# ପାଣି ମୋଟର ଚୋରି ଘଟଣା: ୨ ଗିରଫ

କଟକ,୨୮ ।୩(ସମିସ):

ସ୍କୁଲରୁ ପାଣି ମୋଟର ଚୋରିକରି ବିକ୍ରି କରିବା ଘଟଣାରେ ଚୋର ସହ ଜଣେ କବାଡ଼ିଆ ବ୍ୟବସାୟୀକୁ ସିଆରଆରଆଇ ଥାନା ପୁଲିସ ଗିରଫ କରିଛି। ସେମାନେ ହେଲେ ପୋତାପୋଖରୀ ଅଭିରାମ ମଠ ଗଳିରେ ରହୁଥିବା ଘଟଣାର ଶିବୁ ଦାସ ଓରଫ ରାକେଶ(୨୩) ଏବଂ ନୂଆବଜାର ଅଞ୍ଚଳରେ ରହୁଥିବା ଉତ୍ତରପ୍ରଦେଶର କବାଡ଼ିଆ ବ୍ୟବସାୟୀ ରାଜକୁମାର(୩୪)।

ପୁଲିସ ସୂଚନା ଅନୁସାରେ, ମାଟ୍ରିକ୍ ବାର୍ଷିକ ପରୀକ୍ଷା ଶେଷ ହୋଇଥିବାରୁ ଖାତାଦେଖା ପାଇଁ ଏବେ ପ୍ରାୟ ସ୍କୁଲ ବନ୍ଦ ରହିଛି। ଏହାର ସୁଯୋଗ ନେଇ ରାକେଶ ଶୁକ୍ରବାର ଅପରାହ୍ଣରେ ପାଚେରି ଡେଇଁ ସ୍କୁଲ ଭିତରେ ପଶିବା ସହିତ ବିଭିନ୍ନ ସ୍ଥାନରେ ଲାଗିଥିବା ୧୦ରୁ ଅଧିକ ମୂଲ୍ୟବାନ ଷ୍ଟିଲ ଓ ପିତ୍ତଳ ପାଣି ପାଇପ୍ ସହିତ ପାଣି ମୋଟର୍‌କୁ ଚୋରାଇ ନେଇଥିଲା। ଏହାପରେ ସେ ତତ୍‌କ୍ଷଣାତ ଚୋରି ସାମଗ୍ରୀକୁ ଗାନ୍ଧୀପଲ୍ଲୀ ଅଞ୍ଚଳରେ କବାଡ଼ିଆ ଦୋକାନ କରିଥିବା ରାଜକୁମାରକୁ ବିକ୍ରି କରିଦେଇଥିଲା। ଏପଟେ ସ୍କୁଲରେ ରହୁଥିବା ଦୁଇଜଣ କର୍ମଚାରୀ ଜଣାଇଲା ପରେ ଏ ସଂକ୍ରାନ୍ତରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ଥାନାରେ ଏତଲା ଦେଇଥିଲେ। ପୁଲିସ ମାମଲା ରୁଜୁ କରି ସ୍କୁଲରେ ଲାଗିଥିବା ସିସିଟିଭି କ୍ୟାମେରାର ଫୁଟେଜ ଯାଞ୍ଚ କରିଥିଲା। ଏହାପରେ ରାକେଶକୁ ଚିହ୍ନଟ କରାଯାଇ ତା'ର ଘରେ ପୁଲିସ ଚଢ଼ଉ କରି ଗିରଫ କରିଥିଲା। ସମସ୍ତ ଚୋରା ସାମଗ୍ରୀକୁ ଜବତ କରାଯାଇ ତା' ବିରୋଧରେ ଭାରତୀୟ ନ୍ୟାୟ ସଂହିତା ଧାରା ୧୨୯୦ରେ ମାମଲା ରୁଜୁ କରାଯାଇଛି। ରାକେଶ ସହ ତା'ଠାରୁ ଚୋରି ସାମଗ୍ରୀ କିଣିଥିବା ଅଭିଯୋଗରେ ରାଜକୁମାରକୁ ମଧ୍ୟ କୋର୍ଟଚାଲାଣ କରାଯାଇଥିବା ଥାନାଧିକାରୀ ପିଟି ଗଣେଶ ସାହୁ ସୂଚନା ଦେଇଛନ୍ତି। ରାକେଶ ନାମରେ ପୂର୍ବରୁ ୧୩ରୁ ଅଧିକ ଚୋରି ମାମଲା ରହିଛି।

# ଜଗତପୁରରୁ କୁଳିଆ ରାମନବମୀ ଶୋଭାଯାତ୍ରା

ସାଲେପୁର/ନିଶ୍ଚିନ୍ତକୋଇଲି, ୨୮ ।୩(ସମିସ): ସାଲେପୁର ନିର୍ବାଚନମଣ୍ଡଳୀର ଶ୍ରୀରାମ ସେବା ସମିତି ପକ୍ଷରୁ ପବିତ୍ର ରାମ ନବମୀ ଅବସରରେ ଜଗତପୁରଠାରୁ ସାଲେପୁରର ଶ୍ରୀ ହନୁମାନ ମନ୍ଦିର କୁଳିଆ ପର୍ଯ୍ୟନ୍ତ ଏକ ଶୋଭାଯାତ୍ରା କଟକ-ଚାନ୍ଦବାଲି ରାସ୍ତାରେ ଅନୁଷ୍ଠିତ ହୋଇଯାଇଛି। ବିଶ୍ୱହିନ୍ଦୁ ପରିଷଦ ସଭାପତି ମାନସ ପଣ୍ଡାଙ୍କ ଅଧ୍ୟକ୍ଷତା ଏବଂ ବିଶ୍ୱହିନ୍ଦୁ ପରିଷଦ ଓ ଶ୍ରୀରାମ ସେବା ସମିତିର ସଂଯୋଜକ ଯୁବନେତା ରଶ୍ମିରଂଜନ ଲେଙ୍କାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲା ବିଜେପିର ପୂର୍ବତନ ସଭାପତି ଚୌଧୁରୀ ହେମନ୍ତ ସାହୁ, ବିଜେପି ନେତା କୁଂଜମୋହନ ସେଠୀ, ମନୋରଂଜନ ରାଉତ, ହରେକୃଷ୍ଣ ରାଉତ, ମହତାବ ବାରିକ, ଶରତ ପରିଡ଼ା, ଅଂଜନ ସାହୁ, ମନୋରଂଜନ ମିଶ୍ର, ତାପସ ସେଣ, ଗଣେଶ୍ୱର ମହାନ୍ତି, କିଶୋର ମହାନ୍ତି, ଉଲ୍ଲାସଚନ୍ଦ୍ର ଜେନା, ରାମନାରାୟଣ ପଣ୍ଡାଙ୍କ ପ୍ରମୁଖ ଯୋଗ ଦେଇଥିଲେ। ସମୀର ସାମଲ, ପ୍ରଫୁଲ୍ଲ ମହାପାତ୍ର, ଶ୍ରୀନିବାସ ନାୟକ ଓ ସାରଦା ପ୍ରସାଦ ମିଶ୍ର ସହଯୋଗ କରିଥିଲେ। ଏହି ଶୋଭାଯାତ୍ରା ପାଇଁ ଜଗତପୁରଠାରୁ ସାଲେପୁର କୁଳିଆ ପର୍ଯ୍ୟନ୍ତ ରାସ୍ତାରେ ଜନସାଧାରଣ ଭିଡ଼ ଯୋଗୁ ଗାଡ଼ି ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ପୁଲିସ ସହାୟତାରେ ରାସ୍ତାରେ ଗାଡ଼ି ଚଳାଚଳ ସ୍ୱାଭାବିକ ହୋଇଥିଲା।



## ରାଜେନ୍ଦ୍ର ନଗର

କଟକ,୨୮ ।୩(ସମିସ): ଡ୍ରିମ୍ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦଚନ୍ଦ୍ର ରଥଙ୍କ ରାଜେନ୍ଦ୍ରନଗରସ୍ଥିତ ବାସଭବନରେ ପବିତ୍ର ରାମ ନବମୀ ଉତ୍ସବ ପାଳିତ ହୋଇଥିଲା। ସଂଧ୍ୟାରେ ଅନୁଷ୍ଠିତ ଭକ୍ତି ସଂଗୀତ ସମାରୋହରେ ବିଶିଷ୍ଟ କଣ୍ଠଶିଳ୍ପୀ ଅନସୂୟା ନାଥ, ସୁଧାକର ମିଶ୍ର ଓ ସାଥୀ ଭକ୍ତି ସଂଗୀତ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମରେ ଡ୍ରିମ୍ସ ବିଶ୍ୱିଦ୍ୟାଳୟର କୁଳପତି ପ୍ରଫେସର ଡ. ପ୍ରକାଶ କୁମାର ହୋତା, ରେଜିଷ୍ଟ୍ରାର କୃଷ୍ଣପ୍ରସାଦ ପତି, ବିଶିଷ୍ଟ ଶିଳ୍ପଦ୍ୟୋଗୀ ପଦ୍ମଲୋଚନ ପାତ୍ର, ଅଧ୍ୟାପକ ଡ. ବିଜୟାନନ୍ଦ ସିଂ, ପ୍ରଫେସର ଡା. ଶକ୍ତିପ୍ରସାଦ ଦାସ, ପ୍ରଫେସର ଡା. ଚିତ୍ତପ୍ରସାଦ ଦାସ, ଡ୍ରିମ୍ସ ମେଡିକାଲ କଲେଜର 'ଡିନ୍' ପ୍ରଫେସର ଡା. ବିରଞ୍ଚି ନାରାୟଣ ମହାପାତ୍ର, ବିଶିଷ୍ଟ ଶିକ୍ଷାବିତ୍, ସାହିର ମୁରବୀ, ବରିଷ୍ଠ ନାଗରିକ ସଂଘ ସଦସ୍ୟ, ମାନ୍ୟଗଣ୍ୟ ବ୍ୟକ୍ତି, ରଥ ପରିବାରର ସଦସ୍ୟ ଓ ଶୁଭେଚ୍ଛୁ ଯୋଗ ଦେଇଥିଲେ। ଡ. ପ୍ରମୋଦଚନ୍ଦ୍ର ରଥ, ଇଂ ଦୁର୍ଗାପ୍ରସାଦ ରଥ, ଶୀତଲ ରଥ ଓ ଚିନ୍ମୟୀ ରଥ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ରାମନଗର

କଟକ,୨୮ ।୩(ସମିସ): କଟକ ମହାନଗର ନିଗମ ୫୯ନମ୍ବର ୱାର୍ଡ ଅନ୍ତର୍ଗତ ରାମନଗର ଗ୍ରାମରେ ପବିତ୍ର ଶ୍ରୀରାମ ନବମୀ ପାଳିତ ହୋଇଯାଇଛି। ଗ୍ରାମର ରାମଲୀଳା ମଣ୍ଡପରେ ସୁସଜ୍ଜିତ ହୋଇଥିବା ରାମ, ଲକ୍ଷ୍ମଣ,ସୀତା ଏବଂ ହନୁମାନଙ୍କୁ ଧୂପ ଦୀପ ନୈବେଦ୍ୟ ପ୍ରଦାନ କରି ପୂଜା କରାଯାଇଥିଲା। ଆଗାମୀ ମେ ମାସ ୫ରୁ ୭ପର୍ଯ୍ୟନ୍ତ ଗ୍ରାମର କଳାକାରଙ୍କୁ ନେଇ ହେବାକୁ ଥିବା ରାମଲୀଳା କାର୍ଯ୍ୟକ୍ରମର ସଫଳତା ଲାଗି ପ୍ରଭୁଙ୍କୁ ପ୍ରାର୍ଥନା କରାଯାଇଥିଲା। ପରେ ଭଜନ କୀର୍ତ୍ତନ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ମା' ଫୁଲକମା ରାମଲୀଳା ସମିତିର ସମସ୍ତ ସଦସ୍ୟ ଏବଂ ଗ୍ରାମବାସୀ ଉପସ୍ଥିତ ଥିଲେ।

## ସିଢ଼ୋରେ ୨୫ ଫୁଟ୍ ଉଚ୍ଚର ହନୁମାନ ବିଗ୍ରହ ପ୍ରତିଷ୍ଠା



ସାଲେପୁର,୨୮ ।୩(ସମିସ): ସାଲେପୁର ବ୍ଲକ୍ ସିଢ଼ୋ ପଞ୍ଚାୟତର ସିଢ଼ୋ ଗ୍ରାମରେ ପବିତ୍ର ରାମନବମୀ ଉତ୍ସବ ଅବସରରେ ଏକ ୨୫ଫୁଟ ଉଚ୍ଚତା ବିଶିଷ୍ଟ ଶ୍ରୀ ହନୁମାନଙ୍କ ନୂତନ ବିଗ୍ରହ ପ୍ରତିଷ୍ଠା ଓ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପୁରାଣ ପ୍ରସିଦ୍ଧ ପବିତ୍ର କୁଣ୍ଡିନଗ୍ରର ପରାସର ମଠ ନିକଟରୁ କୁଣ୍ଡି ନଦୀରୁ ପବିତ୍ର ଜଳ ସଂଗ୍ରହ କରାଯାଇ ବିଶାଳ ଶୋଭାଯାତ୍ରାରେ ମହିଳାମାନେ ଭାଗନେଇଥିଲେ। ୩ଦିନ ବ୍ୟାପୀ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହେବାକୁ ସ୍ଥିର କରାଯାଇଥିବାବେଳେ ସାଲେପୁର ଅଞ୍ଚଳରେ ପ୍ରଥମ କରି ୨୫ ଫୁଟ ଉଚ୍ଚତା ବିଶିଷ୍ଟ ପ୍ରଭୁ ଶ୍ରୀ ହନୁମାନଙ୍କ ବିରାଟକାୟ ମୂର୍ତ୍ତି ପ୍ରତିଷ୍ଠା ହୋଇଥିବାରୁ ଏହାକୁ ଦେଖିବାପାଇଁ ଶହ ଶହ ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗିରହିଥିବା ଦେଖିବାକୁ ମିଳିଛି। ସିଢ଼ୋ ଗ୍ରାମବାସୀ ତଥା ଆଖପାଖର ଶହ ଶହ ଶ୍ରଦ୍ଧାଳୁ ଏହି କାର୍ଯ୍ୟକ୍ରମରେ ଭାଗନେଇଥିଲେ। ଏହି ଅବସରରେ ପ୍ରତିଦିନ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ପ୍ରବଚନ ଅନୁଷ୍ଠିତ ହେଉଛି।

## ରାମଲାଲାଙ୍କ ନୂତନ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା



ଚୌଦ୍ୱାର,୨୮ ।୩(ସମିସ): ଚୌଦ୍ୱାର ପୌରପାଳିକା ୧ନମ୍ବର ୱାଡର୍ ଗୁପ୍ତେଶ୍ୱର ସାହିରେ ଶ୍ରୀରାମଲାଲାଙ୍କ ନୂତନ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଗତ ଗୁରୁବାରଠାରୁ ଆରମ୍ଭ ହୋଇଥିବା ଏହି ଆଧ୍ୟାତ୍ମିକ କାର୍ଯ୍ୟକ୍ରମରେ ଧାନ୍ୟାଧିବାସ, ଅଙ୍କୁରାରୋପଣ, କଳସ ଯାତ୍ରା, ସୂର୍ଯ୍ୟପୂଜା, ଗୋପୂଜା, ଘଟସ୍ଥାପନ, ବିଗ୍ରହ ସ୍ନାନ ଓ ବିଗ୍ରହ ନ୍ୟାସ ଆଦି ବହୁବିଧ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମହାଯଜ୍ଞରେ ରଘୁନାଥ ପରିଡ଼ା ଓ ତାଙ୍କ ପତ୍ନୀ କର୍ତ୍ତା ଭାବେ ଆହୁତି ପ୍ରଦାନ କରିଥିଲେ। ନବନିର୍ମିତ ମନ୍ଦିର ପ୍ରତିଷ୍ଠା କରାଯାଇ ଶ୍ରୀରାମ, ଶ୍ରୀଲକ୍ଷ୍ମଣ, ସୀତା ମାତା ଓ ହନୁମାନଙ୍କ ବିଗ୍ରହକୁ ନଗର ପରିକ୍ରମା କରାଯାଇ ମନ୍ଦିର ପ୍ରବେଶ କରାଯାଇଥିଲା। ବହୁ ସଂଖ୍ୟକ ଶ୍ରଦ୍ଧାଳୁ ଏହି କାର୍ଯ୍ୟକ୍ରମରେ ଚତୁର୍ଦ୍ଧାମୂର୍ତ୍ତିଙ୍କ ଦର୍ଶନ କରିଥିଲେ। ପଣ୍ଡିତ ଚନ୍ଦନ କୁମାର ଦାସ ଓ ସାଥୀମାନେ ସମସ୍ତ ପୂଜାକାର୍ଯ୍ୟ ସମ୍ପନ୍ନ କରିଥିଲେ। ଗୁପ୍ତେଶ୍ୱର ସାହି ସଭାପତି ବିଷ୍ଣୁଚରଣ ପରିଡ଼ାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ହରିହର ପରିଡ଼ା, ରବୀନ୍ଦ୍ର ସାହୁ, ଧରଣୀଧର ପରିଡ଼ା, ପ୍ରଶାନ୍ତ କୁମାର ସ୍ୱାଇଁ, ଚିତ୍ତରଞ୍ଜନ ମହାରଣା, ବିକ୍ରମ ସ୍ୱାଇଁଙ୍କ ସମେତ ଗ୍ରାମବାସୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବହୁ ବିଶିଷ୍ଟ ବ୍ୟକ୍ତି, ରାଜନେତା, ପାରିଷଦ ଓ ସ୍ଥାନୀୟ ନାଗରିକ ଉତ୍ସବରେ ଯୋଗ ଦେଇଥିଲେ।

## ଜଳିଗଲା ଗୁହାଳ; ବାଛୁରି ଜୀବନ୍ତ ଦଗ୍ଧ, ମାଲିକ ଗୁରୁତର



ନିଶ୍ଚିନ୍ତକୋଇଲି,୨୮ ।୩(ସମିସ): ନିଶ୍ଚିନ୍ତକୋଇଲି ଗୋଷ୍ଠୀ ପ୍ରାଣୀ ଚିକିତ୍ସାଧିକାରୀ କାର୍ଯ୍ୟାଳୟ ଅଧୀନସ୍ଥ ଜନାର୍ଦ୍ଦନପୁର ପଞ୍ଚାୟତ ପଟଣା ଗ୍ରାମର ନଟବର ବାରିକଙ୍କ ଗୁହାଳ ଘରେ ଶନିବାର ଆକସ୍ମିକ ଭାବେ ଅଗ୍ନିକାଣ୍ଡ ଘଟିଛି। ଏହି ଅଗ୍ନିକାଣ୍ଡରେ ଗୁହାଳରେ ଥିବା ଗୋଟିଏ ବାଛୁରି ଜୀବନ୍ତ ଦଗ୍ଧ ହୋଇଥିବା ବେଳେ ଗୋଟିଏ ଗାଈ ଗୁରୁତର ହୋଇଛି। ଗାଈ ଓ ବାଛୁରିଙ୍କୁ ରକ୍ଷା କରିବାକୁ ଯାଇ ମାଲିକ ନଟବରଙ୍କ ଦେହରେ ନିଆଁ ଲାଗିଯିବାରୁ ସେ ମଧ୍ୟ ପୋଡି ହୋଇ ଗୁରୁତର ହୋଇଛନ୍ତି। ସ୍ଥାନୀୟ ଲୋକେ ନଟବରଙ୍କୁ ଉଦ୍ଧାର କରି ଚିକିତ୍ସା ନିମନ୍ତେ ପ୍ରଥମେ ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲା ବେଳେ ପ୍ରାଥମିକ ଚିକିତ୍ସା ପରେ ଗୁରୁତର ଥିବାରୁ ଡାକ୍ତର ତାଙ୍କୁ କଟକ ବଡ ମେଡିକାଲକୁ ପଠାଇ ଦେଇଛନ୍ତି। ନିଶ୍ଚିନ୍ତକୋଇଲି ଗୋଷ୍ଠୀର ଅତିରିକ୍ତ ପ୍ରାଣୀ ଚିକିତ୍ସାଧିକାରୀ ରଶ୍ମିରଞ୍ଜନ ମିଶ୍ର ଘଟଣାସ୍ଥଳକୁ ଯାଇ ପୋଡି ଯାଇଥିବା ଗାଈକୁ ଚିକିତ୍ସା ଯୋଗାଇ ଦେଇଛନ୍ତି। ନିଶ୍ଚିନ୍ତକୋଇଲି ଅଗ୍ନିଶମ ବାହିନୀର କର୍ମଚାରୀମାନେ ନିଆଁକୁ ଆୟତ୍ତ କରିଥିଲେ। ଗୁରୁତର ମାଲିକ ଓ ଗାଈକୁ ମାଗଣା ଚିକିତ୍ସା ସେବା ଯୋଗାଇ ଦେବା ସହ ସରକାରୀ ସହାୟତା ଯୋଗାଇ ଦେବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି।

## ଶିରିଡ଼ି ସାଇ ମନ୍ଦିରର ବାର୍ଷିକୋତ୍ସବ

ଚୌଦ୍ୱାର,୨୮ ।୩(ସମିସ): ଚାରବାଟିଆ ହାଉସିଂବୋଡର୍‌ସ୍ଥିତ ଶିରିଡ଼ି ସାଇବାବା ମନ୍ଦିରର ଚତୁର୍ଦ୍ଦଶ ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ତିନିଦିନ ଧରି ଆୟୋଜିତ ଏହି କାର୍ଯ୍ୟକ୍ରମରେ କଳସ ଯାତ୍ରା, ଅଧିବାସ, ମଣ୍ଡଳ ସ୍ଥାପନ, ଗୋପୂଜା ଆଦି ସହିତ ବାବାଙ୍କର ଷୋଡ଼ଶ ଉପଚାର ପୂଜା ହୋଇଥିଲା। ମହାଯଜ୍ଞରେ ବହୁ ଭକ୍ତ ଓ ଶ୍ରଦ୍ଧାଳୁ ଅଂଶଗ୍ରହଣ କରି ଆହୁତି ପ୍ରଦାନ କରିଥିଲେ। ଏହି ଉପଲକ୍ଷେ ସାଇବାବାଙ୍କ ମନ୍ଦିରରେ ଭଜନ ସମାରୋହ ଅନୁଷ୍ଠିତ ହୋଇଥିଲା।

## ସ୍କୁଲରେ ଗଣ୍ଡଗୋଳ ଘଟଣା: ଅଭିଯୁକ୍ତ ମହିଳା ଗିରଫ

କିଶନନଗର,୨୮ ।୩(ସମିସ): କିଶନନଗର ଥାନା ଅନ୍ତର୍ଗତ ସୋମପୁର ପଞ୍ଚାୟତ ଥୋରିଆପଡା ସରକାରୀ ସ୍କୁଲରେ ଗତ ୧୭ ତାରିଖ ଉକ୍ତ ଗ୍ରାମର ନିର୍ଦ୍ଦିଷ୍ଟ ଏକ ପରିବାର ଲୋକେ ସଂଘବଦ୍ଧ ଭାବେ ପ୍ରବେଶ କରି ଦବଙ୍ଗଗିରି କରିଥିଲେ। ଏପରିକି ପ୍ରଧାନଶିକ୍ଷକଙ୍କୁ ମାରଧର କରିଥିବା ଏବଂ ସ୍କୁଲର ଆସବାବପତ୍ର ଭଙ୍ଗାରୁଜା କରିଥିବା ଅଭିଯୋଗ ହୋଇଥିଲା। ଏହି ଘଟଣାର ୧୦ ଦିନ ପରେ ଆଜି ଥାନାଧିକାରୀ ମାନେଶ୍ୱର ପ୍ରଧାନ ସମ୍ପୃକ୍ତ ଅଭିଯୁକ୍ତ ସୋନି ଓରଫ ନଜବୁନ୍ ନିଶା ବିବିଙ୍କୁ ଗିରଫ କରି ବିଏନଏସ୍ ଦଫା ୩୨୯(୩), ୧୨୬(୨), ୨୯୬, ୧୧୫(୨), ୩୨୪(୩), ୧୩୨, ୩୫୧(୩), ୧୨୧(୧), ୩(୫)ରେ କୋର୍ଟ ଚାଲାଣ କରିଥିବା ଜଣାପଡିଛି। ଏହି ଘଟଣାରେ ମୋଟ ୮ ଜଣଙ୍କ ନାଁରେ ଏତଲା ରହିଛି।

## ମାଂସ ଦୋକାନରୁ ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

ଚୌଦ୍ୱାର,୨୮ ।୩(ସମିସ): ଓଟିଏମ ବଜାରରେ ଥିବା ଏକ ମାଂସ ଦୋକାନ ଭିତରୁ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହକୁ ଚୌଦ୍ୱାର ପୁଲିସ ଶନିବାର ସକାଳେ ଉଦ୍ଧାର କରିଛି। ମୃତକ ଜଣକ ହେଲେ ଚୌଦ୍ୱାର ପୌରପାଳିକା ୨ନଂ ୱାର୍ଡ ବର୍ଗୀସାହିର ରାମ ସିଂ। ରାମ ମାଂସ ଦୋକାନରେ ଲାଗିଥିବା ପାଇପରୁ ରଶିରେ ଝୁଲୁଥିବା ସ୍ଥାନୀୟ ଲୋକେ ଦେଖି ତାଙ୍କ ପରିବାର ଓ ଥାନାକୁ ଖବର ଦେଇଥିଲେ। ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରିବା ସହ ଏକ ଅପମୃତ୍ୟୁ ମାମଲାରେ ବ୍ୟବଚ୍ଛେଦ ନିମନ୍ତେ ଡାକ୍ତରଖାନା ପଠାଇଛି। ପରିବାର ଲୋକଙ୍କ ସୂଚନା ଅନୁଯାୟୀ, ପେସାରେ ଜଣେ ରାଜମିସ୍ତ୍ରି ଭାବେ କାମ କରୁଥିବା ରାମ ଶୁକ୍ରବାର ରାତି ୧୦ଟା ସମୟରେ ଘରୁ ଖାଇସାରି ଘରୁ ବାହାରି ଯାଇଥିଲେ। ପରେ ଆଉ ଆଉ ଘରକୁ ଫେରି ନ ଥିଲେ। ସେ ଅତି ଶାନ୍ତ ସ୍ୱଭାବର ଯୁବକ ଓ ତାଙ୍କର କାହାରି ସହିତ ସେଭଳି କୌଣସି ମନୋମାଳିନ୍ୟ ନ ଥିବା ଜଣାପଡ଼ିଛି। ସେ କାହିଁକି ଏପରି ପଦକ୍ଷେପ ନେଲେ, ଆତ୍ମହତ୍ୟା କରିଛନ୍ତି କି ତାଙ୍କୁ ହତ୍ୟା କରାଯାଇଛି ! ମାଂସ ଦୋକାନରେ କ'ଣ କରୁଥିଲେ ? ସେଠାରେ ତାଙ୍କ କି ସମ୍ପର୍କ ରହିଥିଲା ? ସେନେଇ ତାହା ସାଧାରଣରେ ସନ୍ଦେହ ସୃଷ୍ଟି କରିଛି। ପୁଲିସ ତଦନ୍ତ ଜାରି ରଖିଥିବା ବେଳେ ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଘଟଣାର ସତ୍ୟତା ଜଣାପଡିବ ବୋଲି କହିଛି।

## ଚୌଧୁରୀ ରାଧାନାଥ ଉଚ୍ଚବିଦ୍ୟାଳୟରେ 'ଦୁକାନ ଯାତ୍ରା'



ମାହାଙ୍ଗା,୨୮ ।୩(ସମିସ): ମାହାଙ୍ଗା ବ୍ଲକ ଅନ୍ତର୍ଗତ ଭେଡାସ୍ଥିତ ପିଏମଶ୍ରୀ ଚୌଧୁରୀ ରାଧାନାଥ ସରକାରୀ ଉଚ୍ଚବିଦ୍ୟାଳୟରେ ଏକ ଅନନ୍ୟ ଓ ଶିକ୍ଷାମୂଳକ କାର୍ଯ୍ୟକ୍ରମ 'ଦୁକାନ ଯାତ୍ରା' ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ସ୍ୱଙ୍ଗ ପନିପରିବା, ବିଭିନ୍ନ ପ୍ରକାର ଖାଦ୍ୟ ସାମଗ୍ରୀ ଓ ଘରୋଇ ଜିନିଷ ଆଣି ସୁସଂଗଠିତ ଭାବରେ ଏକ ଛୋଟ ହାଟ ବସାଇଥିଲେ। ଏହି ହାଟରେ ପିଲାମାନେ କିଣା ଓ ବିକ୍ରୟ କରିବା ସହିତ ହିସାବ କିତାବ ରଖିବା, ଗ୍ରାହକ ସହ ଆଚରଣ, ଲାଭ-କ୍ଷତି ବୁଝିବା ପର୍ଯ୍ୟନ୍ତ ବିଭିନ୍ନ ବ୍ୟବସାୟିକ କୌଶଳର ଅଭ୍ୟାସ କରିଥିଲେ। ଏହି କାର୍ଯ୍ୟକ୍ରମକୁ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଜନ୍ମଜୟ ନାୟକଙ୍କ ନେତୃତ୍ୱରେ ସହକାରୀ ଶିକ୍ଷକ ସମିତା ପରିଡା, ଲିଜାଲିନ ପଟ୍ଟନାୟକ, ସତ୍ୟନାରାୟଣ ସାହୁ, ମନ୍ଦାଗିନୀ ତରେଇ, ତେଜସ୍ୱିତା ସାହୁ, ଅଜୟ ଶତପଥୀ, ପ୍ରକାଶ ରାଉତ, ଅଦ୍ୱୈତ ଜେନା, ବିଶ୍ୱଜିତ ବିଶ୍ୱାଳ, ପ୍ରଣବ କେଶରୀ ସିଂହ, ମାଧବୀଲତା ସାହୁ, ପ୍ରକାଶ କୁମାର ବାରିକ ସହଯୋଗ ଯୋଗାଇଥିଲେ। ବିଦ୍ୟାଳୟ କର୍ମଚାରୀ ସତ୍ୟବ୍ରତ ଦାସ, ପରିଚାଳନା କମିଟିର ସଭାପତି ଜନାର୍ଦ୍ଦନ ଜଟ, ଉପସଭାପତି ନମିତା ସିଂହ, ପୁରାତନ ଛାତ୍ର ସଂସଦର ସଭାପତି ଚୌଧୁରୀ ନବକାନ୍ତ ମିଶ୍ର, ସମ୍ପାଦକ ଅକ୍ଷୟ ଗୋଛାୟତ, ଭେଡା ଗ୍ରାମପଞ୍ଚାୟତର ସରପଞ୍ଚ ଲକ୍ଷ୍ମୀପ୍ରିୟା ରାଉତ ଓ ସମିତିସଭ୍ୟା ଗାୟତ୍ରୀ ସାମଲଙ୍କ ସହ ଅନେକ ଅଭିଭାବକ ଉପସ୍ଥିତ ଥିଲେ।

## ସଫା ଗ୍ରାମରେ ସାଂସ୍କୃତିକ କାର୍ଯ୍ୟକ୍ରମ



ଟାଙ୍ଗୀ,୨୮ ।୩(ସମିସ): ଶ୍ରୀରାମ କମ୍ୟୁନିଟି ସେଣ୍ଟର ଆନୁକୂଲ୍ୟରେ ଟାଙ୍ଗୀ ଚୌଦ୍ୱାର ବ୍ଲକ ସଫା ପଞ୍ଚାୟତ ରାମ ମନ୍ଦିର ପରିସରରେ ରାମନବମୀରେ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସଭାପତି ସନ୍ତୋଷ କୁମାର ରାଉତରାୟଙ୍କ ପୌରହିତ୍ୟରେ ଏବଂ ସମ୍ପାଦକ ନିବାସଚନ୍ଦ୍ର ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ନିବାସଚନ୍ଦ୍ର ପାଣ୍ଡବ, ଯୁବ ସମାଜସେବୀ ଗଙ୍ଗାଧର ବେହେରା, ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ଅଧ୍ୟକ୍ଷା ଶ୍ରଦ୍ଧାଞ୍ଜଳି ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ର, ବନ୍ଦନା କଳା ନିକେତନ ଓ ସଫା ଉଚ୍ଚପ୍ରାଥମିକ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ସମସ୍ତଙ୍କୁ ପୁରସ୍କୃତ କରାଯାଇଥିଲା। ପୂର୍ବାହ୍ନରେ ପ୍ରବଚିକା ମଞ୍ଜୁଲତା ପରିଡ଼ା ଓ ସାଥୀଙ୍କ ଦ୍ୱାରା ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ଅଭିମନ୍ୟୁ ମହାରଣା, ଅଶୋକ ବାହାଲିଆ, କିର୍ତନ ବିହାରୀ ରାଉତରାୟ, ସୁନିଲ ରାଉତରାୟ, ବିଚିତ୍ରାନନ୍ଦ ଓଝା,ସଦାନନ୍ଦ ମହାନ୍ତି, ଧିରେନ୍ଦ୍ର ମହାପାତ୍ର, ସୁଚିତ୍ରା ନନ୍ଦ ସ୍ୱାଇଁ ଓ ଗୋକୁଳାନନ୍ଦ ରାଉତରାୟଙ୍କ ସମେତ ଟ୍ରଷ୍ଟର ସମସ୍ତ ସଦସ୍ୟଙ୍କ ସମେତ ଗ୍ରାମବାସୀ ସହଯୋଗ କରିଥିଲେ। ଶିକ୍ଷୟିତ୍ରୀ ସୌଦାମିନୀ ସାହୁ ଧନ୍ୟବାଦ ଦେଇଥିଲେ।

## ଇଚ୍ଛାବତୀ ରଥଙ୍କ ଜୟନ୍ତୀରେ ପାଠ୍ୟୋପକରଣ ପ୍ରଦାନ




କଟକ,୨୮ ।୩(ସମିସ): କର୍ମଯୋଗୀ ଧନେଶ୍ୱର ରଥଙ୍କ ସହଧର୍ମିଣୀ ଧର୍ମପରାୟଣା ଇଚ୍ଛାବତୀ ରଥଙ୍କ ୯୭ତମ ଜୟନ୍ତୀରେ କୁନିକୁନି ପିଲାଙ୍କୁ ପାଠ୍ୟୋପକରଣ ଓ ମିଷ୍ଟାନ ବଣ୍ଟନ କରାଯାଇଥିଲା। କୋଟସାହି ପଞ୍ଚାୟତ କଏରାପାରାସ୍ଥିତ ଦୁର୍ଗାମାଧବ ମନ୍ଦିର ପ୍ରାଙ୍ଗଣରେ 'ରଥ ପରିବାର' ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଇଚ୍ଛାବତୀଙ୍କ ସୁପୁତ୍ର ତଥା ଡ୍ରିମ୍ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦଚନ୍ଦ୍ର ରଥ, ଅବସରପ୍ରାପ୍ତ ପ୍ରଶାସକ ପ୍ରଫୁଲ୍ଲଚନ୍ଦ୍ର ରଥ, ନିର୍ଦ୍ଦେଶକ ପ୍ରଦୀପ୍ତଚନ୍ଦ୍ର ରଥ ଯୋଗ ଦେଇଥିଲେ। ଇଚ୍ଛାବତୀଙ୍କ ପୁତ୍ରବଧୂ ନିୟମିତା ରଥ, ଲୋରାମିତ୍ରା ରଥ ଏବଂ ପରିବାରର ସଦସ୍ୟ ପରିଚାଳନା କରିଥିଲେ। ଏହି ଅବସରରେ ମା'ଙ୍କ ମନ୍ଦିରରେ ଦୀପଦାନ କରାଯାଇଥିଲା।

## ଷ୍ଟିୱାର୍ଟରେ ସ୍ୱାସ୍ଥ୍ୟ ଓ ପରିଚ୍ଛନ୍ନ ସଚେତନତା




କଟକ,୨୮ ।୩(ସମିସ): ଷ୍ଟିୱାର୍ଟ ବିଜ୍ଞାନ ମହାବିଦ୍ୟାଳୟ ଜାତୀୟ ସେବା ଯୋଜନା ଓ ଯୁବ ରେଡକ୍ରସ ବିଭାଗ ଆନୁକୂଲ୍ୟରେ ଏବଂ ଉଇ ଫର ଇୟୁ ଓ ନିୟୁ ଭିଜନ ଫାଉଣ୍ଡେସନ ସହଯୋଗରେ ବି ମାଇଁ ସ୍କ୍ରାଇବ, ଋତୁସ୍ରାବ ଓ ପରିଚ୍ଛନ୍ନତା କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ସହଯୋଗୀ ଅନୁଷ୍ଠାନର ସତ୍ୟ ବିଶ୍ୱାଳ ବି ମାଇଁ ସ୍କ୍ରାଇବ ସମ୍ବନ୍ଧରେ ବିକ୍ରମ କେଶରୀ ବାରିକ ଓ ନଫିଶା ବେଗମ ଋତୁସ୍ରାବ ସୁସ୍ଥ ଓ ପରିଚ୍ଛନ୍ନତା ବିଷୟରେ ଛାତ୍ରଛାତ୍ରୀଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଏନଏସଏସ ପିଓ ଡ଼ ସନ୍ଧ୍ୟା ସାୟନ୍ତିନୀ ମହାନ୍ତି ଓ ଯୁବ ରେଡକ୍ରସର ପରାମର୍ଶଦାତା ଡ଼ ସସ୍ମିତା ପଟ୍ଟନାୟକ, ଡ଼ ସ୍ମିତା ମହାନ୍ତି ଓ ରଜତି ରାଉତ ସହଯୋଗ କରିଥିଲେ। ଏନଏସଏସ ପିଓ ଡ଼ ଭାଗ୍ୟଶ୍ରୀ ସ୍ୱାଇଁ ଧନ୍ୟବାଦ ଦେଇଥିଲେ।



## ଅଷ୍ଟଭୂଜା ମା' କାମାକ୍ଷାଙ୍କ କଲ୍‌କୀ ଅବତାର

ନିଶ୍ଚିନ୍ତକୋଇଲି,୨୮ ।୩(ସମିସ): ନିଶ୍ଚିନ୍ତକୋଇଲି ତ୍ରିନାଥ ବଜାର ପ୍ରାଙ୍ଗଣରେ ପବିତ୍ର ଶୁକ୍ଳ ଚୈତ୍ର ଷଷ୍ଠୀ ସୋମବାରଠାରୁ ଶୁକ୍ରବାର ପର୍ଯ୍ୟନ୍ତ ୫ଦିନ ବ୍ୟାପି ମା' କାମାକ୍ଷା ଦେବୀ ଓ ଅଷ୍ଟଭୂଜା କଲକୀ ଅବତାର ପୂଜା ଅନୁଷ୍ଠିତ ହୋଇଛି। ସନ୍ଥ ସରୋମଣି ଡ. ସ୍ୱାମୀ ଅରୁପାନନ୍ଦ ଦାସ ମହାରାଜ ଓ ଗୁରୁଚରଣାଶ୍ରୀତ ସନ୍ଥ ନିର୍ଭ୍ରାନନ୍ଦ ଦାସ ମହାରାଜଙ୍କ ପୌରୋହିତ୍ୟରେ ମାଆଙ୍କର ପୂଜାର୍ଚ୍ଚନା କରାଯାଇଛି। ପଣ୍ଡିତ ଭାବଗ୍ରାହୀ ପଣ୍ଡା ସହଯୋଗୀ କୈବଲ୍ୟ ଶତପଥୀ ଓ ସବ୍ୟସାଚୀ ରଥଙ୍କ ଦ୍ୱାରା ବିଲ୍ୱାଧିବାସ ଠାରୁ ଦଶମୀରେ ବିସର୍ଜନ ପୂଜା କରାଯାଇଥିଲା ବେଳେ ଏଥିରେ କର୍ତ୍ତା ଭାବେ ଗୁପ୍ତେଶ୍ୱର ରାଉତ ଓ ତାଙ୍କର ପତ୍ନୀ ନିବେଦିତା ରାଉତ କାର୍ଯ୍ୟ ତୁଲାଇଥିଲେ। ଅନୁଷ୍ଠାନର ପ୍ରତିଷ୍ଠାତା ବାବା ଶ୍ରୀ ଶ୍ରୀ ଜଗନ୍ନାଥ ଦାସଙ୍କ ପଦକମଳରେ ପ୍ରଣିପାତ କରିବା ପାଇଁ ଏହି ଆଧ୍ୟାତ୍ମିକ କାର୍ଯ୍ୟକ୍ରମରେ ବହୁ ଗୁରୁଚରଣାଶ୍ରୀତମାନେ ଯୋଗଦାନ କରିଥିଲେ। ଗୁରୁଚରଣାଶ୍ରୀତ ମାଧବାନନ୍ଦ ମହାପାତ୍ର, କୋକିଳ ରାଉତ, ମହେଶ୍ୱର ବେହେରା, ରବିନ୍ଦ୍ରନାଥ ରାଉତ, ବୈକୁଣ୍ଠ ଚରଣ ସାହୁ, ବଂଶୀଧର ମହାନ୍ତି, ମଠ ମହନ୍ତ ଲକ୍ଷ୍ମୀକାନ୍ତ ଦାସ ପୂଜା କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ନିଶ୍ଚିନ୍ତକୋଇଲି ବଜାର ସମସ୍ତ ବ୍ୟବସାୟୀ ଓ ସ୍ଥାନୀୟ ଗ୍ରାମବାସୀ ସହଯୋଗ କରିଥିଲେ।

## ପଣ୍ଡିତ ଦୀନଦୟାଲ ଉପାଧ୍ୟାୟ ପ୍ରଶିକ୍ଷଣ ଶିବିର



ସାଲେପୁର,୨୮ ।୩(ସମିସ): ସାଲେପୁର ମଣ୍ଡଳ ବିଜେପି ପକ୍ଷରୁ କେଶବ ମଣ୍ଡପରେ ପଣ୍ଡିତ ଦୀନଦୟାଳ ଉପାଧ୍ୟାୟ ପ୍ରଶିକ୍ଷଣ ଶିବିର ଉଦଘାଟିତ ହୋଇଯାଇଛି। ମଣ୍ଡଳ ବିଜେପି ସଭାପତି ଅସିତ୍ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ରୂପେ ସାଲେପୁର ନିର୍ବାଚନ ମଣ୍ଡଳୀର ବିଜେପି ନେତା ଅରିନ୍ଦମ ରାୟ, ଅନ୍ୟତମ ଅତିଥି ଜିଲ୍ଲା ବିଜେପି ସଭାପତି ରାମନାରାୟଣ ମହାନ୍ତି ଯୋଗ ଦେଇଥିଲେ। ପୂର୍ବତନ ଜିଲ୍ଲା ସଭାପତି ଚୌଧୁରୀ ହେମନ୍ତ କୁମାର ସାହୁ, କୁଂଜମୋହନ ସେଠୀ, ଜିଲ୍ଲା ବିଜେପିର ସାଧାରଣ ସଂପାଦକ ସନ୍ତୋଷ କୁମାର ରାଉତ, ଉପସଭାପତି ତ୍ରିଲୋଚନ ପାତ୍ର ପ୍ରମୁଖ ଅତିଥି ରୂପେ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବିଜେପି ମହିଳା ନେତ୍ରୀ ଅମିତା ସାହାଣୀ, ଭାବଗ୍ରାହୀ ବେହେରା, ସନ୍ତୋଷ କୁମାର ଭୂୟାଁ, ସତ୍ୟଶିବ ସୁନ୍ଦର କର, ମୁନା ଜେନାଙ୍କ ସମେତ ବହୁ ବିଜେପି କର୍ମକର୍ତ୍ତା ଓ ବିଭିନ୍ନ ପଞ୍ଚାୟତର କର୍ମୀ ଉପସ୍ଥିତ ଥିଲେ।

